# ଜୀବନଦର୍ଶନଭିତ୍ତିକ ମୂଲ୍ୟବୋଧ ଓ ରାମଚନ୍ଦ୍ର ମିଶ୍ରଙ୍କ ନାଟକ

*ଡ.ଦୀପ୍ତିମୟୀ ବେହେରା, ଅଧ୍ୟାପିକା, ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ, ନେମାଳ, କଟକ, ଓଡ଼ିଶା*

## ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ସଂକ୍ଷିପ୍ତ ପରିଚୟ -

ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ପହଞ୍ଚି ଅତୀତକୁ ଦୃଷ୍ଟି ନିକ୍ଷେପ କଲେ ଯେଉଁ କେତେଜଣ ସମାଜସଚେତକ ଓ ପ୍ରତିଭାବାନ ନାଟ୍ୟକାରଙ୍କ କଥା ମନେପଡେ, ସେମାନଙ୍କ ମଧ୍ୟରେ ସଫଳ ଓ ଆଦର୍ଶବାଦୀ ନାଟ୍ୟକାର ହେଉଛନ୍ତି ରାମଚନ୍ଦ୍ର ମିଶ୍ର । ପୁରୀ ଜିଲ୍ଲାର ଦଶପଲ୍ଲା ନିକଟସ୍ଥ କୁଞ୍ଜବନ ଗଡ଼ରେ ୧୯୨୦ ମସିହା ଅକ୍ଟୋବର ୧୨ ତାରିଖରେ ରାମଚନ୍ଦ୍ର ମିଶ୍ର ଜନ୍ମଗ୍ରହଣ କରିଥିଲେ ଏକ ସଂସ୍କୃତିସମ୍ପନ୍ନ କୁଳୀନ ବ୍ରାହ୍ମଣ ପରିବାରରେ। ନାଟ୍ୟମୋଦି ପିତା ସ୍ୱର୍ଗତ ବିଦ୍ୟାଧର ମିଶ୍ର ଓ ମାତା ରାଧାରାଣୀ ଦେବୀଙ୍କ ସୁଯୋଗ୍ୟ ସନ୍ତାନ ରୂପେ ଧରାପୃଷ୍ଠରେ କରିଥିଲେ ଅବତରଣ। ପିତା ଆଦର୍ଶ ଶିକ୍ଷକ ତଥା ଅଭିନେତା ଓ ସର୍ବୋପରି ସାହିତ୍ୟାନୁରାଗୀ ଥିବାବେଳେ ମାତା ଥିଲେ ଧର୍ମପରାୟଣା ଓ ନିଷ୍ଠା ଆଦର୍ଶର ଏକ ମୂର୍ତ୍ତିମତୀ ଦେବୀ। ପିତାମାତାଙ୍କର ଆଶୀର୍ବାଦ ଓ ଆଦର୍ଶ ସମୟକ୍ରମେ ପୁତ୍ର ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରାଇବାରେ ଖୋରାକ ଯୋଗାଇଥିଲା। ତେଣୁ ତରୁଣ ବୟସରୁ ସେ ପାଇଥିଲେ ଧୂରୀଣ ନାଟ୍ୟକାରର ପରିଚୟ। ଯେଉଁ ବୟସରେ ସାଙ୍ଗସାଥୀଙ୍କ ସହ ମଉଜମଜଲିସ କରିବାର କଥା ସେହି ବୟସରୁ ହିଁ ସେ କବିତା ଓ ଗଳ୍ପ ଲେଖାରେ ମନୋନିବେଶ କରିଥିଲେ। ସେ କେବେ ଭାବି ନଥିଲେ ଯେ ଦିନେ ସଫଳ ନାଟ୍ୟକାର ହୋଇ ବାହାରିବେ ବୋଲି। ସ୍ୱାଧୀନତା ପୂର୍ବରୁ ୫ ବର୍ଷ ଓ ପରେ ୪୫ ବର୍ଷ ପର୍ଯ୍ୟନ୍ତ ସିଏ ଯାହା ସମାଜର ରୂପରଙ୍ଗକୁ ଦେଖିଛନ୍ତି ବା ଅନୁଭବ କରିଛନ୍ତି ସେହି ଜୀବନାନୁଭୂତିକୁ ଉପସ୍ଥାପନ କରିଛନ୍ତି ତାଙ୍କ ନାଟକଗୁଡ଼ିକ ମାଧ୍ୟମରେ।

## ନାଟ୍ୟକାରଙ୍କ ନାଟ୍ୟସୃଷ୍ଟିର ପ୍ରାରମ୍ଭିକ ପର୍ଯ୍ୟାୟ-

କଲେଜ ପଢ଼ା ସମୟରେ ଯୁବକ ରାମଚନ୍ଦ୍ର ନାଟ୍ୟାଚାର୍ଯ୍ୟ କାଳୀଚରଣ ପଟ୍ଟନାୟକଙ୍କ ନୂତନ ସାମାଜିକ ନାଟକ 'ଗାର୍ଲସ୍କୁଲ' ଓ 'ଆହୂତି' ନାଟକ ପ୍ରଭୃତିକୁ ଦେଖି ସମାଲୋଚନା କରିଥିଲେ। ଯାହାଫଳରେ କି ନାଟ୍ୟକାର କାଳୀଚରଣ ମନ୍ତବ୍ୟ ଦେଇଥିଲେ - "ସମାଲୋଚନା ଅପେକ୍ଷା ନାଟକ କରି ଦେଖେଇ ଦେଲେ ବାହାଦୁରୀ ଜଣାଯାଆନ୍ତା"। କାଳୀବାବୁଙ୍କର ଏପରି ମନ୍ତବ୍ୟ ନାଟକ ଲେଖିବା ପାଇଁ ଖୋରାକ ଯୋଗାଇଥିଲା ତରୁଣ ରାମଚନ୍ଦ୍ରଙ୍କୁ। ସ୍ୱାଭିମାନୀ ରାମଚନ୍ଦ୍ରଙ୍କ ଲେଖନୀ ମୁନରୁ ଝରି ଆସିଥିଲା ପ୍ରଥମ ନାଟକ 'ଅଭିମାନ' ୧୯୪୨ ମସିହାରେ। ସବୁଠୁ ଖୁସିର କଥା କି ଏହି ନାଟକରେ ନାୟକ ଭୂମିକାରେ ଅଭିନୟ କରିଥିଲେ ଯଶସ୍ୱୀ ଶକ୍ତିଶାଳୀ ନାଟ୍ୟକାର ଗୋପାଳ ଛୋଟରାୟ। ୧୯୪୩ ମସିହାରେ ରଚିତ ହୁଏ ତାଙ୍କର ଦ୍ୱିତୀୟ ନାଟକ 'ମ୍ୟାନେଜର'। ତା'ପରେ ତାଙ୍କ ରଚିତ 'ମୂଲିଆ' (୧୯୪୫) ନାଟକ ଏତେ ମାତ୍ରାରେ ସଫଳତା ତାଙ୍କୁ ଆଣିଦେଇଥିଲା ଯେ, ସଫଳ ନାଟ୍ୟକାର ଭାବେ ସେ ପ୍ରତିଷ୍ଠିତ ହୋଇପାରିଥିଲେ ସମଗ୍ର ଓଡ଼ିଶାରେ। ଏହାପରେ ଅର୍ଥାତ ୧୯୫୦ ମସିହାଠାରୁ ଗୋଟେ ପରେ ଗୋଟେ ସାର୍ଥକ ନାଟକ ଭେଟି ଦେଇଯାଇଛନ୍ତି ଓଡ଼ିଆ ନାଟ୍ୟଜଗତକୁ। 'ଘର ସଂସାର'(୧୯୫୦), 'ଭାଇ ଭାଉଜ'(୧୯୫୩), 'ସାଇ ପଡ଼ିଶା'(୧୯୫୩), 'ନାଟକ ରୀତିମତ' (୧୯୫୩),

ଗୋଧୂଳିଲଗ୍ନ (୧୯୫୪), 'ସେବିକା'୧୯୫୫), ' ମମତା ' (୧୯୫୬), 'ଚାବୁକ'(୧୯୫୭), ' ପୁଆଣୀଘର ' (୧୯୬୨), ପରପୁରୁଷ '(୧୯୬୮), 'ନରୋତ୍ତମ ଦାସ କହେ' (୧୯୬୯), ପ୍ରଭୃତି ନାଟକର ନାମ ଉଲ୍ଲେଖଯୋଗ୍ୟ। ନାଟ୍ୟକାରଙ୍କର ବହୁ ନାଟକ ୧୯୫୦ ମସିହା ପରଠାରୁ ୧୯୭୦ ମସିହା ମଧ୍ୟରେ ପ୍ରକାଶ ପାଇଥିବାରୁ କେତେକ ସମାଲୋଚକ ଏହି ସମୟକୁ ଓଡ଼ିଆ ନାଟକର ଏକ "ସୁବର୍ଣ୍ଣ ଯୁଗ" ବୋଲି ନାମିତ କରିଥିଲେ। ଏହି ସୁବର୍ଣ୍ଣ ଯୁଗର ମହାନାୟକ ହେଲେ ନାଟ୍ୟକାର 'ରାମଚନ୍ଦ୍ର ମିଶ୍ର'। ଖାଲି ସିଏ ନାଟ୍ୟକାର ନୁହଁନ୍ତି ବରଂ କେତେକ ନାଟକରେ ଅଭିନେତା ସାଜି ଅଭିନୟ ମଧ୍ୟ କରିଛନ୍ତି ମଞ୍ଚ ଉପରେ। ପେଶାଦାର ଅଭିନେତା ନ ହେଲେ ବି ସୌଖିନ କଳାକାର ଭାବେ ସୁନ୍ଦର ଅଭିନୟ କରି ବାହାବାହା ନେଇଛନ୍ତି ଦର୍ଶକଙ୍କର।

**ନାଟ୍ୟକାରଙ୍କ ନାଟକରେ ଜୀବନଦର୍ଶନଭିତ୍ତିକ ମୂଲ୍ୟବୋଧ-**

ସମାଜ ଓ ସାମାଜିକ ମୂଲ୍ୟବୋଧ ଆଦର୍ଶକୁ ବ୍ୟକ୍ତି ଯେତେବେଳେ ନିଜ ଜୀବନର କଷଟି ପଥରରେ ପରଖେ , ସେତେବେଳେ ବାସ୍ତବତାର ସୂତ୍ରପାତ ହୁଏ। ଏହି ଅନୁଭୂତି-ସିଦ୍ଧ ଜୀବନଧାରାର ସାରାଂଶ ହିଁ ଜୀବନଦର୍ଶନ। ଏହି ଜୀବନଦର୍ଶନ କେବଳ ପ୍ରତିଭାତ ହୋଇଥାଏ କାଳଜୟୀ ଲେଖକ ଓ ଦାର୍ଶନିକଙ୍କ ଲେଖନୀରେ। ତେଣୁ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଅତି ପାଖରୁ ଦେଖିଛନ୍ତି ସମାଜର ପ୍ରତିଟି ସ୍ତରକୁ। ସେଥିପାଇଁ ସେ ଜୀବନଦର୍ଶନଭିତ୍ତିକ ମୂଲ୍ୟବୋଧ ପ୍ରକାଶ କରି 'ନରୋତ୍ତମ ଦାସ କହେ ' ନାଟକ ଲେଖିଛନ୍ତି ଏବଂ ସେଥିରେ ଯାହା ସବୁ କହିଛନ୍ତି ତାହା ତାଙ୍କର ଅନ୍ତରର କଥା ବୋଲି ବୁଝିବାକୁ ହେବ। ଭିଣୋଇ ହୋଇ ଶଳାମାନଙ୍କ ଘରକୁ ଗାଁରୁ ସହରକୁ ଆସିଛନ୍ତି ବୁଲିବାକୁ ହେଲେ ଦେଖିବାକୁ ପାଇଛନ୍ତି ତିନି ଶଳା ଗୋଟିଏ ମା' ପେଟରୁ ଜନ୍ମ ନେଇଥିଲେ ମଧ୍ୟ ପ୍ରତ୍ୟେକଙ୍କର ରାସ୍ତା ହୋଇଛି ଭିନ୍ନ ଭିନ୍ନ। ପରସ୍ପର ମଧ୍ୟରେ ରକ୍ତର ସମ୍ପର୍କ ରହିଥିଲେ ସୁଦ୍ଧା ସାମାଜିକ ପ୍ରତିଷ୍ଠା ପାଇଁ ଭାଇ ହୋଇଛି ଭାଇର ଶତ୍ରୁ। ଏହି ଶତ୍ରୁତା ସୃଷ୍ଟି ହୋଇଛି ନିଜ ନିଜର ସ୍ୱାର୍ଥ ଓ ବ୍ୟକ୍ତିଗତ ଅହଙ୍କାରକୁ ନେଇ। ଆଧୁନିକ ସଭ୍ୟତା ଓ ସଂସ୍କୃତି ନାଁ ରେ ଯେତେବେଳେ ସେମାନେ ବିପଥଗାମୀ ହୋଇଛନ୍ତି ସେତେବେଳେ ନାଟ୍ୟକାର ଏକ ଆଦର୍ଶବାଦୀ ଚରିତ୍ର ରୂପରେ ସମସ୍ତଙ୍କ ପାଖରେ ନିଜର ଉପସ୍ଥିତିକୁ କରିଛନ୍ତି ଜାହିର। ଦେଖାଇଛନ୍ତି ସମସ୍ତଙ୍କୁ ସତ୍ୟ, ଧର୍ମ ଓ ନ୍ୟାୟର ପଥ। ହେଲେ ତାଙ୍କର ଏ ଉପଦେଶ ବାଣୀଗୁଡ଼ିକ ବହି ପୃଷ୍ଠାରେ ଲେଖା ହୋଇ ରହିଯାଇଛି ସତ ଅଥଚ ସେମାନଙ୍କ ଉପରେ କିଛି ପ୍ରଭାବ ପକାଇ ପାରିନାହିଁ। ସେଥିପାଇଁ ତାଙ୍କୁ ସବୁଠି ଶୁଣିବାକୁ ମିଳିଛି ନିନ୍ଦା ଅପବାଦ। ବନ୍ଦନା ଦେବୀଙ୍କର ଉଶୃଙ୍ଖଳତାକୁ ସମାଲୋଚନା କରି କହିଛନ୍ତି - "ମୁଁ ଭାବିଥିଲି, ଏଇଟା ଗୋଟାଏ ଆଖଡା ଘର" ।(୧)

ଆଧୁନିକ ସଭ୍ୟତାରେ ନିଜକୁ ମେମ ସାହେବ ବୋଲାଇ ଘରକୁ କେହି କୁଣିଆ ଆସିଲେ ତାହାର ଚର୍ଚ୍ଚା ନିଜେ ନ କରି ଚାକର ଚାକରାଣୀଙ୍କ ହାତରେ କରାଇବା ସାମ୍ପ୍ରତିକ ସମୟରେ ହୋଇ ଗଲାଣି ଗୋଟାଏ ଫେସନ। ଏହା ଆମ ସାମାଜିକ ଚଳଣୀ ଓ ସଂସ୍କୃତି ବାହାରେ ହୋଇଥିବା ହେତୁ ନାଟ୍ୟକାର ଏହାକୁ ସମାଲୋଚନା କରି ନରୋତ୍ତମ ମୁଖରେ କହିଛନ୍ତି - "ଅସୁବିଧା କ'ଣ ? ଆସିଲା ଦିନଠୁ ତ ଗୋପିଆ ତା ଖଟଟା ଛାଡ଼ି ଦେଇଚି, ମୋ ପାଇଁ ତା ରୋଷେଇରେ ମୁଠେ ପକେଇ ଦଉଚି... ଆଉ ଅସୁବିଧା କ'ଣ ? ଯାହା ହେଉ ପିଲାଟା ଭାରି ପରିଷ୍କାର, ପରିଚ୍ଛନ୍ନ, ଆଉ ମୋ କଥା ବୁଝିବାକୁ ଭାରି ତତ୍ପର"। (୨)

ଆଧୁନିକ ସଭ୍ୟ ଶିକ୍ଷିତ ଯୁବଗୋଷ୍ଠୀଙ୍କ ପାଇଁ ନାଟ୍ୟକାରଙ୍କ ମନ୍ତବ୍ୟ ଏକ କମେଣ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ। ଆଜିର ଯୁବପୀଢ଼ି ପାଶ୍ଚାତ୍ୟ ସଂସ୍କୃତି ଦ୍ୱାରା ଅନୁପ୍ରାଣୀତ ହୋଇ ସମାଜ ଓ ଆଧୁନିକତା ନାଁ ରେ ଯେଉଁ ଭ୍ରଷ୍ଟାଚାର ଚଳାଇଛନ୍ତି ତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି ନାଟ୍ୟକାର। ସତେ ଯେପରି ସମସ୍ତଙ୍କର ଦୋଷ ଦୁର୍ବଳତାକୁ ପଦାରେ ପକାଇ ଦେଇ ସଚେତନ କରିବାକୁ ପ୍ରୟାସ କରିଛନ୍ତି ନାଟ୍ୟକାର। ତାଙ୍କ ଜୀବନକାଳ ମଧ୍ୟରେ ଯାହା ଦେଖିଛନ୍ତି ତାକୁ ନିଜ ନାଟକ ମାଧ୍ୟମରେ ଦେଖାଇଛନ୍ତି ଦର୍ଶକମାନଙ୍କୁ। ନିଜେ ଦର୍ଶନଭିତ୍ତିକ ମୂଲ୍ୟବୋଧ ମାଧ୍ୟମରେ ଆପ୍ରାଣ ଉଦ୍ୟମ କରିଛନ୍ତି ଅବକ୍ଷୟୀ ସମାଜକୁ ରକ୍ଷା କରିବାକୁ।

'ଘର ସଂସାର' ନାଟକରେ ଗୋପର ଜୀବନଦର୍ଶନକୁ ନିଆଯାଇପାରେ। ଗାନ୍ଧିବାଦୀ ଆଦର୍ଶର ପ୍ରତିମୂର୍ତ୍ତି ହେଉଛି ଗୋପ। ସେବା, ତ୍ୟାଗ ଓ ନିଃସ୍ୱାର୍ଥପର ଦେଶ ସେବା କରିବା ହେଉଛି ତା ଜୀବନର ବ୍ରତ। ତେଣୁ ସେ କହିଛି - "ଜୀବନକୁ ହତ୍ୟା କରି ସଂସାର ଗଢା ଯାଏନା, ଗଢା ଯାଏ ଜୀବନକୁ ଉତ୍ସର୍ଗ କରି"। (୩)

'ମୂଲିଆ' ନାଟକରେ ନନ୍ଦର ଜୀବନଦର୍ଶନ କଥା ନିଆରା। ଭାଇ ପାଇଁ ଭାଇର ଅକୁଣ୍ଠ ତ୍ୟାଗ ଶିଖିବାକୁ ପାଇବା ନନ୍ଦଠୁ। ଭାଇର ସତ ଅପମାନର ହଳାହଳ ବିଷକୁ ନିଜେ ଆକଣ୍ଠ ପାନ କରି ଭାଇକୁ ଦେଇଛି ସ୍ନେହ। ଭାଇ ପାଇଁ ହିଁ ସାଜିଛି ମୂଲିଆ। ତଥାପି ଟାଣ କରି ପଦେ କହିନାହିଁ କି ନିଜ ସ୍ନେହ ମମତାରୁ ବଞ୍ଚିତ କରିନାହିଁ ଭାଇକୁ।

"ନନ୍ଦ - ଏଁ ରାଜ କିଶୋର ? ହଁ , ହଁ ବାବୁ, ରାଜକିଶୋର। ସେ ଆପଣମାନଙ୍କର ରାଜକିଶୋର ହେଲେ ସେ ମୋ ଭାଇ !

× × ×

ନନ୍ଦ - ରାଜୁ ! ମୁଁ ମୂଲିଆ। ହଁ, ହଁ ମୂଲିଆ, ମୋ ବାପ ମୂଲିଆ, ମୋ ଗୋସେଇଁ ବାପ ମୂଲିଆ, ମୋ ଚୌଦପୁରୁଷ ମୂଲିଆ, ରାଜୁରେ ! ତୋରି ପାଇଁ ମୁଁ ଆଜି ମୂଲିଆ; ଚାଲ, ତୁ ଘରକୁ ଚାଲ।"(୪)

'ଚାବୁକ' ନାଟକରେ ମୂଲ୍ୟବୋଧଭିତ୍ତିକ କଥା କହି ଗାନ୍ଧିଜୀଙ୍କ ଆଦର୍ଶକୁ ଆପଣେଇ ନେଇଛି ଜୟନ୍ତ। ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ସେ କରିଛି ସଂଗ୍ରାମ। ସଭ୍ୟ ଶିକ୍ଷିତ ମନୁଷ୍ୟମାନଙ୍କ ଅପେକ୍ଷା ସେ ପସନ୍ଦ କରିଛି ସାଧାରଣ ମୂର୍ଖଲୋକଙ୍କୁ। ଜୟନ୍ତ ମତରେ - "ସାଧାରଣ ମୂର୍ଖ ଲୋକଙ୍କ ଭିତରେ ଯେଉଁ ମେଳ, ତା' ଆମ ଦେଶର ତଥାକଥିତ ଶିକ୍ଷିତ ସଭ୍ୟ ସମାଜରେ ଦୁଷ୍ପ୍ରାପ୍ୟ ବରଂ ମୁଁ କହିବି ଆମ ଦେଶ କିମ୍ବା ସମାଜରେ ଯଦି ଆଜି କିଛି ନୀତିଭେଦ ପ୍ରବେଶ କରିଥାଏ ତାହା ଆମର ଏହି ଶିକ୍ଷିତ ଶ୍ରେଣୀଙ୍କ ଦୟାରୁ।" (୫)

'ମମତା' ନାଟକରେ ମାଧବ ବଡ଼ ଭାଇ ସୁବୋଧର ଆଦର୍ଶରେ ଅନୁପ୍ରାଣୀତ। ପୁଣି ଗାନ୍ଧୀ ଓ ଗୋପବନ୍ଧୁଙ୍କ ଜୀବନାଦର୍ଶ ଦ୍ୱାରା ସେ ପ୍ରଭାବିତ। ମାଧବ ମତରେ - "ସ୍ୱାର୍ଥପର ପରି ନିଜେ ବଞ୍ଚିବାରେ ମହତ୍ତ୍ୱ ନାଇଁ, ଅଛି ଅନ୍ୟମାନଙ୍କୁ ବଞ୍ଚେଇ ନିଜେ ବଞ୍ଚିବାରେ।" (୬)

'ଭାଇ ଭାଉଜ' ନାଟକରେ ଜଜଙ୍କ ଜୀବନାନୁଭୂତିର କଥାକୁ ନିଆଯାଇପାରେ। ବର୍ଷ ବର୍ଷ ଧରି ମଣିଷଙ୍କ କଥା ବିଚାର କରିକରି ଚାକିରୀ ଜୀବନ କଟାଇଛନ୍ତି। ମଣିଷକୁ ଚିହ୍ନିବାରେ ବେଶି ସମୟ ଲାଗେନାହିଁ ତାଙ୍କୁ। ନିଜର

ଆଦର୍ଶରେ ଝିଅକୁ ମଧ ଗଢ଼ି ତୋଳି ବଞ୍ଚିବା ପାଇଁ ପୂରା ସ୍ୱାଧୀନତା ଦେଇଛନ୍ତି। ଗାନ୍ଧୀଙ୍କ ବାଣୀକୁ ସଫଳ କରିବା ପାଇଁ "ଗ୍ରାମକୁ ଫେରିଚାଲ" ନୀତିକୁ ଅବଲମ୍ବନ କରିଛନ୍ତି। ଶିକ୍ଷିତ ଲୋକମାନଙ୍କୁ ଗାଁ ମାଟି ପ୍ରତି ଆକୃଷ୍ଟ କରାଇ ଏକ ସୁସ୍ଥ ସୁନ୍ଦର ସମାଜ ଗଠନ କରିବା ପାଇଁ କରିଛନ୍ତି ପରିକଳ୍ପନା। ସେଥିପାଇଁ ସେ କହିଛନ୍ତି - "ଆଶାବାଦୀ ହୁଅ ଭରତ! ଦେଖିବ, ଆଦର୍ଶ ପ୍ରତିଷ୍ଠାର ଏଇ ହେଉଛି ଉପଯୁକ୍ତ ସମୟ। ମୋର ପରିକଳ୍ପନା ମଧରେ ତୁମେ ମଧ ବାଦ ପଡି ନାହଁ। ମୋର ପ୍ରେରଣା, ତୁମରି ସାଧନା ଆଉ ସବିତାର ଶକ୍ତି। ଗୋଟାଏ ପ୍ରବୀଣ ବିଚାରପତିର ବୁଦ୍ଧି, ଜଣେ କୃଷିବିଦ୍ୟାବିଶାରଦ ଉଦୀୟମାନ ଯୁବକର ସାଧନା, ଗୋଟିଏ ବିଚକ୍ଷଣ ବୁଦ୍ଧିମତୀ ବାଳିକାର ସେବା ଆମକୁ ଆମ ଲକ୍ଷ୍ୟ ସ୍ଥଳରେ ଠିକ୍ ନେଇ ପହଞ୍ଚେଇ ପାରିବ। ଆସ- ଆସ।"(୭)

**ପାରିବାରିକ ମୂଲ୍ୟବୋଧ-**

ଭାରତୀୟ ବା ଉତ୍କଳୀୟ ସଂସ୍କୃତିରେ ପରିବାର ହେଉଛି ଏପରି ଏକ ଅନୁଷ୍ଠାନ ଯାହା ମାଧ୍ୟମରେ ବ୍ୟକ୍ତିଟି ଆଦର୍ଶ ଓ ମହନୀୟ ଗୁଣାବଳୀଗୁଡ଼ିକୁ ଶିଖି ସମାଜରେ ନିଜକୁ ପ୍ରତିଷ୍ଠିତ କରାଇପାରିଥାଏ। ଏହି ପରିବାର ହେଉଛି ଆମ ସମାଜର ଏକ ମୁଖ୍ୟ ଅଙ୍ଗ, ପରିବାରର ଉନ୍ନତିରେ ସମାଜର ଉନ୍ନତି ଓ ପରିବାରର ଅବନତିରେ ସମାଜର ଅବନତି ଘଟିଥାଏ। ସମାଜରେ କିଛି ପରିବର୍ତ୍ତନ ଆଣିବାକୁ ହେଲେ ଆମକୁ ପ୍ରଥମେ ପରିବାର ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ କାରଣ ପରିବାରର ତ୍ୟାଗ, ନିଷ୍ଠା, ସ୍ନେହ-ଶ୍ରଦ୍ଧା, କର୍ତ୍ତବ୍ୟବୋଧ, ସହନଶୀଳତା ଓ ଆତ୍ମୋତ୍ସର୍ଗ ଦ୍ୱାରା ପରିବାରର ବିକାଶ ହେବା ସଙ୍ଗେସଙ୍ଗେ ସମାଜ ମଧ ଅଗ୍ରଗତି କରିଥାଏ। ଭାରତୀୟ ପରିବାର କହିଲେ ଯୌଥ ପରିବାରକୁ ହିଁ ବୁଝାଇଥାଏ, ଐକିକ ପରିବାରକୁ ନୁହେଁ। ଯୌଥ ପରିବାରକୁ ଚଳାଇବା ପାଇଁ ଘରର ଜଣେ ମୁରବୀ ଥାଆନ୍ତି। ତାଙ୍କ ନିର୍ଦ୍ଦେଶରେ ସବୁକାର୍ଯ୍ୟ ହୋଇଥାଏ। ମୁରବୀ ଜଣଙ୍କ ବ୍ୟକ୍ତିଗତ ସୁଖକୁ ପଛରେ ପକାଇ ସମୂହସ୍ୱାର୍ଥକୁ ଆଖି ଆଗରେ ରଖି କାର୍ଯ୍ୟ କରିଚାଲନ୍ତି। ଏସବୁ କ୍ଷେତ୍ରରେ ତାଙ୍କୁ ସାହାଯ୍ୟ କରନ୍ତି ପରିବାରର ଅନ୍ୟ ସଦସ୍ୟମାନେ ବିଶେଷକରି ପରିବାରକୁ ସରସ ସୁନ୍ଦର କରି ଗଢ଼ିତୋଳିବାରେ ନାରୀର ଭୂମିକା ଅପରିହାର୍ଯ୍ୟ। କାରଣ ନାରୀଟିଏ ଚାହିଁଲେ ପରିବାରକୁ ଗଢ଼ିପାରେ ଆଉ ନ ଚାହିଁଲେ ଭାଙ୍ଗିବିପାରେ। ତେଣୁ ପରିବାର କହିଲେ ନାରୀ ଓ ପୁରୁଷର କର୍ତ୍ତବ୍ୟବୋଧ ଓ ଦାୟିତ୍ୱବୋଧକୁ ହିଁ ସୂଚାଇ ଥାଏ। ତେଣୁ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ତାଙ୍କର ପାରିବାରିକ ନାଟକ ଗୁଡ଼ିକରେ ନାରୀ ଚରିତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇ ନାରୀଟିକୁ ଚଳଚଞ୍ଚଳ କରିଛନ୍ତି।

'ଘର ସଂସାର' ନାଟକରେ ଶାରଦା, ତାରାମଣି, ଗୋପ, ' ମୂଲିଆ' ନାଟକରେ ନନ୍ଦ, ବଡ଼ବୋହୂ, ସନାତନ, 'ଭାଇ ଭାଉଜ' ନାଟକରେ ଦୁଃଖୀ, ସବିତା, ଭାଇଗ, ' ମ୍ୟାନେଜର 'ନାଟକରେ କୁସୁମ, ସୁର, ସୁଷମା, ' ମମତା ' ନାଟକରେ ବଡ଼ବୋହୂ, ସାନବୋହୂ, 'ଚାବୁକ୍ ' ନାଟକରେ କନକ, ଜୟୀ ବୋଉ ଆଦି ଚରିତ୍ରଗୁଡ଼ିକ ପରିବାରକୁ ଏକାଠି ବାନ୍ଧି ରଖିବାରେ ତତ୍ପର ହୋଇପଡିଛନ୍ତି। ସେମାନଙ୍କର ଆଦର୍ଶ, ଦୟା, କ୍ଷମା, ତ୍ୟାଗ, ସହନଶୀଳତା ଓ କର୍ତ୍ତବ୍ୟପରାୟଣତା ଆଗରେ ସମସ୍ତେ ମୁଣ୍ଡ ନୁଆଁଇଛନ୍ତି। ଭୋଗ ଅପେକ୍ଷା ତ୍ୟାଗ ଏମାନଙ୍କ ଜୀବନର ବ୍ରତ ହୋଇଉଠିଛି। ସ୍ୱୟଂ ନାଟ୍ୟକାର ଯେହେତୁ ଯୌଥ ପରିବାରର ଚଳଣି ଭିତରେ ବଢ଼ି ଆସିଛନ୍ତି ସେହେତୁ ତାଙ୍କ ପାଖରେ ସବୁ ପ୍ରକାର ଅଭିଜ୍ଞତା ଠୁଳ ହୋଇରହିଅଛି। ତେଣୁ ସେ ଚାହିଁଛନ୍ତି ଯୌଥ ପରିବାରଠାରୁ ଯିଏ ଦୂରେଇଗଲା , ତାକୁ କେମିତି ଆମ ଭାରତୀୟ ମୂଲ୍ୟବୋଧ ବିଷୟରେ ସଚେତନ କରାଇ

ପୁଣି ପରିବାର ମଧ୍ୟକୁ ଟାଣିଆଣିବା। ନାଟ୍ୟକାରଙ୍କ ' ମ୍ୟାନେଜର ' ନାଟକଟିକୁ ଛାଡ଼ିଦେଲେ ତାଙ୍କର ପ୍ରାୟ ଅନ୍ୟ ସବୁ ନାଟକ ଗୁଡ଼ିକରେ ପାରିବାରିକ ଚିତ୍ର ସ୍ଥାନ ପାଇଛି।

'ମୂଲିଆ ' ନାଟକ ଏକ ପରିବାରଭିତ୍ତିକ ନାଟକ। ସେଥିରେ ହସ-ଲୁହଭରା କାହାଣୀ ଅଛି। ଦିଅର ରାଜୁକୁ ମଣିଷ କରିବା ଲାଗି ବଡ଼ ଭାଇ ଓ ଭାଉଜ ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଭାଇ ପାଇଁ ଭାଇ ଭାଉଜ ଯେ ଏପରି କରିପାରନ୍ତି ତାହା ଏହି ନାଟକଟିକୁ ନ ଦେଖିଲେ ଜାଣିପାରିବନାହିଁ। ହେଲେ ନବ୍ୟ ଶିକ୍ଷିତ ଭାଇଟି ସହରକୁ ଗଲାପରେ ସ୍ୱାର୍ଥାନ୍ଧ ହୋଇପଡ଼ିଛି। ପିତୃମାତୃତୁଲ୍ୟ ଭାଇ ଭାଉଜଙ୍କୁ ପାଦରେ ଆଡେଇ ଦେଇ ସହରୀ ଝିଅ କଳ୍ପନାର ପ୍ରେମରେ ପଡ଼ି ଭାଇଭାଗ ଖୋଜି ବସିଛି। ଏଠାରେ ରାଜୁ ତ୍ୟାଗ ଅପେକ୍ଷା ଭୋଗର ମୂଲ୍ୟକୁ ବୁଝିଛି। କହିଛି - "ଭାଉଜକୁ କହିଦେ, ଭିନେ ନ ହେବା ଯାଏଁ ଏ ଦୁଆର ବନ୍ଧ ଡେଇଁବି ନାହିଁ, କି ଏ ଘରେ ପାଣି ଟୋପାଏ ବି ଛୁଇଁ ବି ନାହିଁ। (୮)" ଇଏ ହେଉଛି ସହରୀ ସଭ୍ୟତାର ରାଜୁ ଚରିତ୍ର। ସାନ ଭାଇ ରାଜୁକୁ ଫେରାଇ ଆଣିବାକୁ ଯାଇ ବଡ଼ ଭାଇ ନନ୍ଦ ସବୁ ପ୍ରକାର ଚେଷ୍ଟା କରିଛି। ସେ ଜାଣିଛି ବଡ଼ ଭାଇର କର୍ତ୍ତବ୍ୟ କ'ଣ ହେବା ଦରକାର ? ତେଣୁ ସେ କହିଛି-" ମୁଁ ଜାଣେ, ମୋ ଭାଇ କେବେ ଏମିତି ହେବ ନାହିଁ, ମୁଁ ତାକୁ କୋଳେଇ କାଖେଇ ବଢ଼େଇ ଆଣିଚି। ବୋଉ ତାକୁ ମୋ ଜିମା କରି ଦେଇ ଯାଇଚି। ମୁଁ ତାକୁ ମଣିଷ କରିବି, ହଁ, ମୁଁ ତାକୁ ମଣିଷ କରିବି। ବାପା! ବାପା! ମୁଁ ଏଇ ସାଙ୍ଗେ ସାଙ୍ଗେ ବାହାରିଲି।" (୯) ଭାଇ ପ୍ରତି ଭାଇର କେତେ ସ୍ନେହ ଶ୍ରଦ୍ଧା ଓ ଆନ୍ତରିକତା ଥାଏ ତାହା ନନ୍ଦ ଚରିତ୍ରରୁ ସୁସ୍ପଷ୍ଟ ହୋଇପଡେ। ଦିଅରର ଶୁଖିଲା ମୁହଁକୁ ଦେଖିଲେ କୌଣସି ଭାଉଜ କ'ଣ ସହିପାରେ। ସେଥିପାଇଁ ଗେହ୍ଲାରେ ଭାଉଜ ରାଜୁକୁ କହୁଛନ୍ତି -" ମୋ ସୁନାଟା ପରା, ପାଣି ଦଉଚି, ଟିକେ ମୁହଁ ହାତ ଧୋଇ ନିଅ। ଏ ଭାଉଜ କଥା ଟିକେ ରଖ। "(୧୦)

ସେହିପରି "ଘର ସଂସାର " ନାଟକରେ ନାଟ୍ୟକାର ଯୌଥ ପରିବାରକୁ ଦେଖାଇବାକୁ ଚେଷ୍ଟା କରିଛନ୍ତି। ପରିବାର ଭିତରେ ଶାଶୁ-ବୋହୂ, ଯାଆ-ଯାଆ, ନଣନ୍ଦ-ଭାଉଜ, ସ୍ୱାମୀ-ସ୍ତ୍ରୀଙ୍କ ଭିତରେ କିପରି ମନୋମାଳିନ୍ୟ ରହିଛି ତାଦ୍ୱାରା ପରିବାର ଭିତରେ ଅଶାନ୍ତି ସୃଷ୍ଟି ହୋଇ ପରିବାର ଭାଙ୍ଗିବାକୁ ଯାଇଛି ତାହାର ଚିତ୍ରକୁ ଉପସ୍ଥାପନ କରିବା ସହିତ ନାଟ୍ୟକାର ଶାରଦା, ଗୋପ ଓ ତାରାମଣି ଚରିତ୍ର ମାଧ୍ୟମରେ ପରିବାରକୁ ଯୋଡ଼ିବାକୁ ଚେଷ୍ଟା କରିଛନ୍ତି। ବିଶେଷକରି ଶାରଦା ହିଁ ନିଜର ତ୍ୟାଗ ଓ ସହନଶୀଳତା ବଳରେ ଏ ସମସ୍ତଙ୍କୁ ଏକାଠି ବାନ୍ଧି ରଖିପାରିଛି। ଗୋପ ଓ ଶାରଦାର କଥୋପକଥନରୁ ଜଣାପଡ଼ିଯାଏ ପରିବାର ପ୍ରତି ଦୁହିଁଙ୍କର କେତେ ବ୍ୟାକୁଳତା। ଏହା କେବଳ ଆମ ଭାରତୀୟ ମୂଲ୍ୟବୋଧରେ ହିଁ ପ୍ରତିଫଳିତ।

ଗୋପ - "ତୁମେ ଯଦି ଏ ଘରର ବୋହୂ ରୂପେ ଚଳିବାକୁ ଚାହଁ, ତେବେ ଏ ଘରର ଚାଲି ଚଳନ, ରୀତିନୀତି ସହିତ ନିଜକୁ ଚଳେଇବାକୁ ହବ।

ଶାରଦା - ସେଥିରେ ମୁଁ କ'ଣ ତ୍ରୁଟି କରିଚି ? ନାରୀ ବୋଲି କ'ଣ ବିବାହ ପରଠାରୁ ସେ ସମସ୍ତ ସ୍ୱାଧୀନତା ହରେଇ ବସେ ? ତା'ର କ'ଣ ଘର ସଂସାର ଗଢ଼ିବାରେ କିଛି ସ୍ୱାଧୀନତା ନାହିଁ ? ମତେ ଭୁଲ ବୁଝନା ମୁଁ ଚାହେଁ ମୋ ନିଜକୁ ଭୁଲିଯିବାକୁ, ନିଜର ଅତୀତକୁ ପାଶୋରିବାକୁ ମୋର ଏଇ ଘର, ଏ ସଂସାର, ଏଇ ମା, ଭଉଣୀ, ସ୍ୱାମୀଙ୍କ ସେବାରେ - କୁହ, ମୋତେ ପର ବୋଲି ଭାବିବନି ?" (୧୧)

ଭାରତୀୟ ବା ଉତ୍କଳୀୟ ନାରୀ ତାର ପରିବାରକୁ ଏତେ ମାତ୍ରାରେ ଭଲପାଏ ଯେ କୌଣସି ବାଧା ବିଘ୍ନକୁ ତା ପରିବାର ପ୍ରତି ଆସିବାକୁ ଦିଏ ନାହିଁ। ନିଜେ ଜଳିଜଳି ନିଷ୍ପେସିତ ହୋଇଯାଏ ପଛକେ ତା ପରିବାରକୁ ନିଜ ପଣତକାନିରେ ବାନ୍ଧି ରଖିବାକୁ ଆପ୍ରାଣ ଚେଷ୍ଟା କରେ। ନିଜ ପାଇଁ ବଞ୍ଚି ନ ରହି ବରଂ ଅନ୍ୟ ପାଇଁ ବଞ୍ଚି ରହିବାକୁ ଚାହେଁ। ଡ. ଭାଗିରଥି ଜେନା କୁହନ୍ତି -" ଅଭିମାନ, ମୂଲିଆ, ଘର ସଂସାର, ଭାଇ ଭାଉଜ, ନରୋତ୍ତମ ଦାସ କହେ, ଆଦି ନାଟକ ଓଡ଼ିଶାର ଜୀବନ ସମସ୍ୟା ଓ ପରିପାର୍ଶ୍ୱକୁ ନେଇ ମୁଣ୍ଡ ଟେକିଛି। ଆଦର୍ଶ ଓ ନୈତିକତାର ଭାବଭୂମି ସହିତ ଏହା ସଂପର୍କିତ ହୋଇ ପାରିଛି। ସବୁଥିରେ ଅଛି ସମସ୍ୟାର ସାର୍ଥକ ଅବତାରଣା, ଆମ ସମାଜ ଓ ପରିବାରର ଜୀବନ୍ତ ଚିତ୍ର। 'ଭାଇ ଭାଉଜ 'ବା 'ମୃତ ଆସାମୀ 'ଭଳି ନାଟକରେ ସେ ପ୍ରଚଳିତ ଆଇନ୍ ବ୍ୟବସ୍ଥାର ସଂସ୍କାର ପାଇଁ ଯେମିତି ଆହ୍ୱାନ ଦେଇଛନ୍ତି , 'ଗୋଧୂଳି ଲଗ୍ନ 'ରେ ସେମିତି ପ୍ରଚଳିତ ଶିକ୍ଷା ପଦ୍ଧତିର ଅସାରତା ପ୍ରତିପାଦନ କରିଛନ୍ତି, ପାରିବାରିକ ବୃତ୍ତଚେତନା ମଧ୍ୟରେ ଗାନ୍ଧୀବାଦର ତ୍ୟାଗ, ସହିଷ୍ଣୁତା, ପରିଶ୍ରମ ଆଦି ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। ସମସାମୟିକ ନାଟ୍ୟକାର ଗୋପାଳ ଛୋଟରାୟଙ୍କ 'ଶଙ୍ଖା ସିନ୍ଦୂର ', 'ଅର୍ଦ୍ଧାଙ୍ଗିନୀ ', 'ଅଭାଗିନୀର ସ୍ୱର୍ଗ' ପ୍ରଭୃତି ନାଟକରେ ପରିବାରର ହସ- କାନ୍ଦ, ସୁଖ-ଦୁଃଖର ଚିତ୍ର ପ୍ରଦାନ କରାଯାଉଥିବାରୁ।।କରିଥିଲେ ମଧ ପରିବାରର ଅନ୍ତଃସମସ୍ୟା ରୂପାୟନରେ ତାଙ୍କର ଦକ୍ଷତା ପ୍ରତିପାଦିତ। (୧୨)

ନାଟ୍ୟକାରଙ୍କ ସମସ୍ତ ନାଟକ ସର୍ବଜନାଦୃତ, ଏଥିରେ ସନ୍ଦେହ ନାହିଁ କିନ୍ତୁ ଦର୍ଶକ ମାତ୍ରକେ ଚାହେଁ କିଛି ନୂତନତ୍ୱକୁ। ମତୁଆଲା ହୋଇ ମନଟା ତା'ର ଉଡ଼ି ଉଡ଼ି ଯାଏ ପୁବେଇ ପବନଆଡ଼କୁ। ଆହ୍ୱାନ କରେ ସ୍ୱପ୍ନର ବାସ୍ତବତାକୁ,ସଜେଇ ହୁଏ ସ୍ୱର୍ଶ କରିବାକୁ, ଖୋଜିଲା ଖୋଜିଲା ନୟନରେ ଚାହେଁ ଫୁଲରାଣୀକୁ, ଏହାକୁ ଲକ୍ଷ୍ୟ କରି ଦର୍ଶକଙ୍କ ମନମୁତାବକ ଭରପୂର ମନୋରଞ୍ଜନ ଦେବାରେ ଓ ତା'ର ଆଶାକୁ ପୂର୍ଣ୍ଣ କରିବାରେ ଯଥେଷ୍ଟ ସାହାଯ୍ୟ କରିଛନ୍ତି ଏହି ମହାନନାୟକ ରାମଚନ୍ଦ୍ର ମିଶ୍ର।

ନାଟ୍ୟକାରଙ୍କର 'ମୂଲିଆ' ନାଟକ ଯିଏ ଦେଖିଛି ସିଏ ଜାଣିଛି ଇଏ ବାହାରର କଥା ନୁହେଁ, ବରଂ ଆମ ଘରର କଥା, ପରିବାରର କଥା, ଗାଁ'ର କଥା, ସମାଜର କଥା ଆଉ ନିତିଦିନିଆ ତେଲ ଲୁଣ ସଂସାରର କଥା। ସେଥିପାଇଁ ତ ଏହି ନାଟକ ଏକାଦିକ୍ରମେ ଶତଶତ ରଜନୀ ଅଭିନୀତ ହୋଇ ତତ୍କାଳୀନ ସମୟରେ ଓଡ଼ିଆ ନାଟ୍ୟ ଜଗତ କ୍ଷେତ୍ରରେ ସୃଷ୍ଟି କରିଥିଲା ଏକ ବୈପ୍ଲବିକ ଆଲୋଡ଼ନ। ଏପରିକି ରାସ୍ତା ଘାଟରେ ଦର୍ଶକମାନେ କହିବାକୁ ଲାଗିଲେ-

*"ବେଶ ଭୂଷଣ ଅସମ୍ଭାଳ*

*ମୂଲିଆ ପ୍ରେମ କଲା କାଳ"।*

ନାଟ୍ୟକାର ରାମଚନ୍ଦ୍ର ଥିଲେ ଖାଣ୍ଟି ଦେଶୀ ନାଟ୍ୟକାର। ସେଥିପାଇଁ ତାଙ୍କ ନାଟକର ସଂଳାପ ଥିଲା ଖାଣ୍ଟି ଓଡ଼ିଆ ଘରର ସରଳ ଓ ସୁମଧୁର ଭାଷା। କାଳୀଚରଣ ପଟ୍ଟନାୟକଙ୍କ ଭଳି କି ଗୋପାଳ ଛୋଟରାୟଙ୍କ ଭଳି ଏହା ପଦ୍ୟମୟ ବା ଛନ୍ଦମୟ, ସାବଲୀଳ, ଆବେଗପୂର୍ଣ୍ଣ ଓ ରସୋଚ୍ଛ୍ୱମୟ ନଥିଲା ବରଂ ଗଦ୍ୟମୟ ରୀତିରେ ଲେଖା ହୋଇ ମଣିଷ ମଣିଷର ସୁଖ ଦୁଃଖ ହେବାର କଥାମାନ ରହିଥିଲା। ଗ୍ରାମଠୁଁ ସହର ପର୍ଯ୍ୟନ୍ତ ଉଭୟ

କ୍ଷେତ୍ରରେ ଆଶା ନୈରାଶ୍ୟ, ଉଜ୍ଜ୍ୱଳତା ଓ ବିବର୍ଣ୍ଣତାକୁ ଅନୁଧ୍ୟାନ କରି ବିଶ୍ଳେଷଣ କରିଛନ୍ତି ଆଉ ଦେଇଛନ୍ତି ସେଥିରେ ଗାଁ ମାଟି, ପାଣି ଓ ପବନର ଚିତ୍ର। ପ୍ରଥମେ ଆନ୍ଦୋଳିତ କରାନ୍ତି ଦର୍ଶକଙ୍କ ମନକୁ,ହୃଦୟକୁ ଓ ଅନ୍ତରାତ୍ମାକୁ, ତା'ପରେ ଦର୍ଶକର ନୟନରେ ଜକେଇ ଆସେ ଅସୁମାରୀ ଲୁହ, ଥପ୍ ଥପ୍ ହୋଇ ଝରିପଡ଼େ ଓଠ ପାଖକୁ, ଅଜାଣତରେ ପିଇଯାଏ ଲୋତକକୁ, କାନ୍ଦକାନ୍ଦ ମୁହଁ ଓ ଥରିଲା ଥରିଲା ଓଠରେ ପ୍ରତୀକ୍ଷା କରିଥାଏ ସୁଖର ମୁହୂର୍ତ୍ତକୁ। ଯେତେବେଳେ ପରିଣତିଟା ସୁଖାନ୍ତକ ବା ମିଳନାତ୍ମକ ହୁଏ ସେତେବେଳେ ସେ ଖୁସିରେ ବିଭୋର ହୋଇଯାଏ, ଭରପୂର ଆନନ୍ଦ ଉପଭୋଗ କରେ ଆଉ ଅଚାନକ ତା' ପାଟିରୁ ବାହାରିଆସେ - ଆରେ, କ'ଣ ନ ହେଲାମ... ମଜା ଲାଗିଲା....ମାନିବାକୁ ପଡ଼ିବ ନାଟ୍ୟକାରଙ୍କୁ.... ଇଏ ତ ଆମ ନିଜ କଥା...ଇତ୍ୟାଦି ଇତ୍ୟାଦି ଖଣ୍ଡିତ ସଂଳାପମାନ। ଜଣେ ନାଟ୍ୟକାରଙ୍କ ପାଇଁ ଏହାଠୁ ଅଧିକ ଶ୍ରେଷ୍ଠ ପୁରସ୍କାର ଆଉ କ'ଣ ଥାଇପାରେ ? ଯାହାକି ନାଟ୍ୟକାର ରାମଚନ୍ଦ୍ର ପାଇଛନ୍ତି। ପ୍ରଥମେ ଦର୍ଶକଙ୍କ ମନକୁ ଆନ୍ଦୋଳିତ କରାଇ ଶେଷ ମୁହୂର୍ତ୍ତରେ ସେମାନଙ୍କୁ ଖୁସିର ପ୍ଳାବନ ମଧ୍ୟରେ ହସହସ ବଦନରେ ଘରକୁ ପଠାଇବା ଥିଲା ନାଟ୍ୟକାରଙ୍କ ଦାୟିତ୍ୱ। ଖାଲି 'ମୂଲିଆ' ନାଟକ ବୋଲି ନୁହେଁ ତାଙ୍କର ପ୍ରତ୍ୟେକଟି ନାଟକ ଯେପରିକି 'ଭାଇ ଭାଉଜ' ହେଉ କି 'ଘର ସଂସାର', 'ସାଇପଡ଼ିଶା' ଆଦି ନାଟକ ହେଉ ସବୁଥିରେ ସେ ଘରକଥା, ପରକଥା, ଦେଶକଥା ଓ ମଣିଷର କଥାକୁ ଅତି ନିଖୁଣ ଭାବେ ଗୋଟି ଗୋଟି କରି ସଜେଇ ରଖିଛନ୍ତି। ଏପରିକି ନାଟ୍ୟ ମଞ୍ଚରେ ଯେଉଁ ଅଭୂତପୂର୍ବ ସଫଳତା ପାଇଥିଲା ତାହା ଚଳଚ୍ଚିତ୍ର ରୂପରେ ଯେତେବେଳେ ସିନେମା ହଲ ଗୁଡ଼ିକରେ ପଡ଼ିଲା ସେତେବେଳେ ଆହୁରି ଅଧିକ ସଫଳତା ପାଇଥିଲା।

ଆଦର୍ଶବାଦୀ, ଆଶାବାଦୀ ଓ ଗାନ୍ଧିବାଦୀ ନୀତିକୁ ଆପଣେଇଥିବା ନାଟ୍ୟକାର ରାମଚନ୍ଦ୍ରଙ୍କ ମତରେ - "ଖାଲି ନାଟକ ଲେଖିଦେଲେ ଚଳିବନି ବରଂ ନାଟକ ମାଧ୍ୟମରେ ସମାଜକୁ କିଛି ବାର୍ତ୍ତା ଦେବାକୁ ଅଛି; ଯାହାଦ୍ୱାରା ସମାଜର ଉନ୍ନତି ହେବା ସଙ୍ଗେ ସଙ୍ଗେ ଏକ ସୁସ୍ଥ ସୁନ୍ଦର ସମାଜ ମଧ୍ୟ ଗଠନ ହୋଇପାରିବ। ଆଉ ଯଦି ଏହି କାର୍ଯ୍ୟ ବା ଦାୟିତ୍ୱ ନାଟକ ତୁଲାଇ ନପାରିବ ତାହେଲେ ସେପରି ନାଟକ ଲେଖିବାର ମୂଲ୍ୟ କଣ ଅଛି" ? ବାସ୍ତବିକ, ନିରାଟ ସତ କଥା ମଧ୍ୟ; ଯାହାକି ନାଟ୍ୟକାର ବେଶ ଉପଲବ୍ଧି କରିପାରିଛନ୍ତି। ସେଥିପାଇଁ ସେ ସ୍ୱର ଉତ୍ତୋଳନ କରିଥିଲେ ତଥାକଥିତ ବୌଦ୍ଧିକ ନାଟକ ବିରୁଦ୍ଧରେ ଆଉ ନିଜ ନାଟକଗୁଡ଼ିକରେ ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଉପରେ ବିଶେଷ ଭାବରେ ପ୍ରାଧାନ୍ୟ ଦେଇ କିଣି ନେଉଥିଲେ ଦର୍ଶକଙ୍କ ତନୁମନୁକୁ। ଯାହାଫଳରେ କି ତାଙ୍କ ନାଟକଗୁଡ଼ିକ ଯେବେ ଲେଖା ହେଇଥାଉନା କାହିଁକି, ତାହା ସର୍ବଦା ସଦ୍ୟ ପ୍ରକାଶିତ ପରି ମନେହୁଏ। କାରଣ କଥାବସ୍ତୁ, ଚରିତ୍ର, ସଂଳାପ, ସଙ୍ଗୀତ ଆଦି ସବୁ ଦୃଷ୍ଟିକୁ ଆଖି ଆଗରେ ରଖି ନାଟ୍ୟକାର ଏତେ ସୁନ୍ଦର ଭାବେ ଦର୍ଶକଙ୍କ ସମ୍ମୁଖରେ ଉପସ୍ଥାପନା କରିଯାଇଛନ୍ତି ଯେ, ତାହା ଚିରଦିନ ପାଇଁ ନୂତନତାର ସ୍ୱାଦ ଦେଇ ଚାଲିଥିବା ସଙ୍ଗେ ସଙ୍ଗେ ଦର୍ଶକ ସହଜରେ ଏହାକୁ ମନରୁ ଲିଭାଇ ଦେଇପାରିବ ନାହିଁ; ଏହାହିଁ ଚିରନ୍ତନ ସତ୍ୟ।

ଏଥିରୁ ନାଟ୍ୟକାରଙ୍କ ନାଟକ ଓ ସଫଳତା ବିଷୟରେ ଅନୁମାନ କରାଯାଇପାରେ। କିନ୍ତୁ ସାମ୍ପ୍ରତିକ ଯୁଗର ନାଟ୍ୟକାରମାନେ ଆଉ ପାଦେ ଆଗେଇ ଯାଇ ଶସ୍ତା ନାଟକମାନ ଲେଖି ଦର୍ଶକମାନଙ୍କର ଶସ୍ତା ତାଳି ଓ ବାଃ ବାଃ ପ୍ରଶଂସାରେ ଏତେ ଶତମୁଖର ହୋଇଉଠୁଛନ୍ତି ଯେ ଭାବୁନାହାନ୍ତି ପୂର୍ବରୁ ନାଟକଗୁଡ଼ିକ ଶତଶତ ରଜନୀ ଅଭିନୀତ ହେଉଥିବାବେଳେ ଆଜିର ନାଟକ ଶତରାତ୍ରି ତ ଦୂରର କଥା ଗୋଟିଏ ଦୁଇଦିନ ହୋଇଗଲେ ଦର୍ଶକମାନେ ଖୋଜି ବସୁଛନ୍ତି ନୂତନ ନାଟକ।

'ଅଭିମାନ', 'ମ୍ୟାନେଜର','କବିସୂର୍ଯ୍ୟ', 'ମୂଲିଆ' ନାଟକ ବ୍ୟତୀତ ବାକି ସମସ୍ତ ନାଟକଗୁଡ଼ିକ ୧୯୫୦ ରୁ ୧୯୬୦ ମସିହା ମଧ୍ୟରେ ରଚିତ। ଏହି ୧୦ ବର୍ଷକୁ ଅଲୋଚକମାନେ "ସୁବର୍ଣ୍ଣ ଯୁଗ" ବୋଲି କହିଥାନ୍ତି। ନାଟ୍ୟକାର ଶ୍ରୀ ମିଶ୍ର ଜଣେ ସମାଜ ସଚେତନ ଲେଖକଭାବେ ଲୋକ ଜୀବନରେ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ଲେଖନୀ ଚାଳନା କରି ପ୍ରଚଳିତ ସମାଜ ବ୍ୟବସ୍ଥା ବିରୁଦ୍ଧରେ ଘୋଷଣା କରିଥିଲେ ବିଦ୍ରୋହ। ତାଙ୍କର ଲକ୍ଷ୍ୟ ଥିଲା ସାମାଜିକ ଜୀବନରେ କିଛିଟା ପରିବର୍ତ୍ତନ ଆଣିବା। ସବୁଠୁ ବଡ଼ କଥା ହେଲା ସେ ତାଙ୍କ ନାଟକରେ ସରଳ ଓ ନିଷ୍କପଟ ଚରିତ୍ର ମାନଙ୍କୁ ଯେମିତି ଉଚ୍ଚରେ ବସାଇଛନ୍ତି ଠିକ ସେମିତି ଦୁଷ୍ଟ ଓ ଟାଉଟର ଚରିତ୍ରମାନଙ୍କର ଦୋଷତ୍ରୁଟିକୁ ସୁଧାରିବାକୁ ଯାଇ ବେଶୀ ତଳକୁ ନ ପକାଇ ସହାନୁଭୂତିର ହାତ ବଢ଼ାଇ ମୂଲ୍ୟବୋଧର ଛାଟରେ ଠିକ ବାଟକୁ ଆଣିବାକୁ ଚେଷ୍ଟା କରିଛନ୍ତି।

'ଘର ସଂସାର' ଓ 'ଭାଇ ଭାଉଜ' ନାଟକଦ୍ୱୟ ସ୍ୱାଧୀନତା ପରବର୍ତ୍ତୀକାଳର ନାଟକ। ଏହି ନାଟକଦ୍ୱୟର ଘଟଣାବଳୀଗୁଡ଼ିକୁ ନାଟ୍ୟକାର ଯେପରି ଭାବେ ଦର୍ଶକଙ୍କ ସମ୍ମୁଖରେ ଜୀବନ୍ତ ପରି ଫୁଟାଇ ଉପସ୍ଥାପନ କରିଛନ୍ତି ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ଗୋପ, ଶାରଦା, ମହୀ, ଭାଇଗ , ଦୁଃଖୀ ପରି ଚରିତ୍ରମାନେ ଯେପରି ଆଦର୍ଶ, ତ୍ୟାଗ, ସହିଷ୍ଣୁତା ଆଉ ପ୍ରେମର ସୀମା ସରହଦକୁ ପାର କରିଯାଇଛନ୍ତି ତାହାକୁ ଦେଖିଲେ ବିସ୍ମିତ ହେବା ସଙ୍ଗେସଙ୍ଗେ ସହରୀ ସଭ୍ୟତା ଓ ସଂସ୍କୃତିର ଶିକ୍ଷିତା ତଥା ଆଧୁନିକା ଅନୀମାର ଆତ୍ମବଡ଼ିମା, ସ୍ୱେଚ୍ଛାଚାରିତା ଓ ଗାଁ ଟାଉଟର ଯୋଗୀର କୁଚକ୍ରାନ୍ତକୁ ଦେଖିଲେ ଭାବିବାକୁ ପଡ଼େ ସତରେ କ'ଣ ସଂସାରରେ ଏପରି ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଘର ଭାଙ୍ଗିବାରେ ତତ୍ପର ହୋଇପଡ଼ନ୍ତି ? କହିବାକୁଗଲେ ଏପରି କ୍ଷେତ୍ରରେ ସେମାନେ ଥାଆନ୍ତି ବେଶ ଧୁରନ୍ଧର। ଏସବୁ ଦୃଶ୍ୟକୁ ଦେଖିବା ପାଇଁ ଅତ୍ୟନ୍ତ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାନ୍ତି ଦର୍ଶକଗଣ।

ପ୍ରେମ ପ୍ରଣୟର କଥା କହିବା ତ ତାହାର ବାସ୍ତବ ଚିତ୍ରକୁ ଉପସ୍ଥାପନ କରିବାରେ ନାଟ୍ୟକାର ଯେପରି ସଂଯମତା ରକ୍ଷା କରି ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେଇଛନ୍ତି ହୁଏତ ତାଙ୍କ ପୂର୍ବରୁ କୌଣସି ନାଟ୍ୟକାର ଏପରି କରିନଥିଲେ। ନାଟ୍ୟକାର ରକ୍ଷଣଶୀଳ ପରିବାରର ସନ୍ତାନ ରୂପେ ତତ୍କାଳୀନ ସମୟର ପ୍ରେମର ପରିଭାଷାକୁ ଯେପରି ବୁଝିଥିଲେ ସେହିପରି ଭାବେ ତାଙ୍କ ନାଟକରେ ଚିତ୍ରଣ କରିଥିଲେ। 'ମୂଲିଆ' ନାଟକରେ ରାଜୁ ସହ କଳ୍ପନାର, 'ଘର ସଂସାର' ନାଟକରେ ଗୋପ ସହ ଶାରଦାର, 'ସାଇପଡ଼ିଶା' ନାଟକରେ ଗୁଣନିଧି ସହ ଶୈଳଜା ଓ ମନୁଜାର, 'ନାଟକ ରୀତିମତ' ରେ ଉଦୟ ସହ ସାଧନାର, 'ସେବିକା' ନାଟକରେ ବିକାଶ ସହ ଜୟନ୍ତୀର ପ୍ରେମ ଦୃଶ୍ୟଗୁଡ଼ିକୁ ନାଟ୍ୟକାର ଏତେ ସୁନ୍ଦର ଭାବେ ମଞ୍ଚ ଉପରେ ଉପସ୍ଥାପନ କରିଛନ୍ତି ଯେ ପରିବାର ଲୋକ ଏକାଠି ବସି ଦେଖିବାରେ କୌଣସି ଅସୁବିଧା ମନେ କରିବେ ନାହିଁ। ନାଟକରେ ଯେତେସବୁ ସମସ୍ୟା ଉପୁଜିଲେ ବି ନାଟ୍ୟକାର ପରିଣତିକୁ ମିଳନାନ୍ତକ କରିଛନ୍ତି କାହିଁକିନା ପରିଣତିଟା ସୁଖାନ୍ତକ ହେଲେ ନାଟକଟିକୁ ଆଶାତୀତ ସଫଳତା ମିଳିବା ସହ ବିଶେଷ ଜନପ୍ରିୟତା ମଧ୍ୟ ହାସଲ କରିଥାଏ।

ଯୁଗଯୁଗ ଧରି ବଞ୍ଚି ରହିବେ ନିଜର ପାରଦର୍ଶିତା ପାଇଁ, ନିଜର ସୃଷ୍ଟି ସମ୍ପଦ ପାଇଁ, ନିଜର ସ୍ୱାଭିମାନ ପାଇଁ, ଆଉ ନିଜର ଗାନ୍ଧିବାଦୀ ଆଦର୍ଶ ଓ ଭାରତୀୟ ମୂଲ୍ୟବୋଧ ପାଇଁ।

ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ନାଟ୍ୟକାର ମିଶ୍ର ପାପକୁ ଘୃଣା କରିଛନ୍ତି ହେଲେ ପାପୀକୁ ନୁହେଁ। ସେ ଜାଣିଛନ୍ତି ମନୁଷ୍ୟ ହେଉଛି ଅମୃତର ସନ୍ତାନ। ତେଣୁ ମନୁଷ୍ୟ ହୃଦୟକୁ ସଂକୀର୍ଣ୍ଣ ସ୍ୱାର୍ଥର ଗଳଗଣ୍ଡି ମଧ୍ୟରୁ

ପରିବର୍ତ୍ତନ କରାଇ ସମୂହସ୍ୱାର୍ଥ ନିମନ୍ତେ ମହାଭାରତୀୟ ମହାନୁଭବ "ବସୁଧୈବ କୁଟୁମ୍ବକଂ" ନୀତିରେ ଚଳିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଦିଓ ସେ ଜାଣିଛନ୍ତି ସାମ୍ପ୍ରତିକ ସମାଜରେ ଏକାନ୍ନବର୍ତ୍ତୀ ପରିବାର ହୋଇ ଚଳିବା ସମ୍ଭବ ନୁହେଁ ତଥାପି ସେ ଯଥାସମ୍ଭବ ଚେଷ୍ଟା କରିଛନ୍ତି ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧରେ ବାନ୍ଧି ରଖିବାକୁ। ଏଥିପ୍ରତି ସଚେତନ ରହି ଅଭିଜ୍ଞତା ଓ ଅନୁଭୂତିକୁ ପୁଞ୍ଜି କରି ସତ୍ୟ, ଶିବ ଓ ସୁନ୍ଦରର ପ୍ରଶସ୍ତି ଗାନ କରିଛନ୍ତି। ସକଳ ପ୍ରକାର ଅସାରତା ଅତୃପ୍ତିର ତଳେ ଲୁଚି ରହିଥିବା ମୂଲ୍ୟବୋଧକୁ ଖୋଜିଛନ୍ତି। ସମାଜ ଜୀବନରୁ ଅନ୍ଧ ବିଶ୍ୱାସ, କୁସଂସ୍କାର, ଦୁର୍ନୀତିକୁ ମୂଳପୋଛ କରି ଗାନ୍ଧିବାଦର ପତାକା ତଳେ ଆଶ୍ରୟ ନେଇ ଗ୍ରାମ୍ୟଜୀବନର ସଂଗଠନ ଉପରେ ଗୁରୁତ୍ୱ ଦେଇ ଏକ ଶୋଷଣମୁକ୍ତ ଶାନ୍ତିମୈତ୍ରୀମୟ ସମାଜ ଗଠନ କରିବାର ପରିକଳ୍ପନା କରିଛନ୍ତି।

**ସମ୍ମାନ ଓ ପୁରସ୍କାର** -

୧୯୪୨ ମସିହାରୁ ୧୯୯୨ ମସିହା ପର୍ଯ୍ୟନ୍ତ ଦୀର୍ଘ ପଚାଶ ବର୍ଷ ମଧ୍ୟରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଓଡ଼ିଆ ନାଟ୍ୟଜଗତକୁ ଯେଉଁ ଅମୂଲ୍ୟ ନାଟ୍ୟସମ୍ପଦଗୁଡ଼ିକ ଦେଇ ଯାଇଛନ୍ତି ସେଥିପାଇଁ ସେ ଉଚ୍ଚ ପ୍ରଶଂସିତ ହୋଇ ପୁରସ୍କୃତ ମଧ୍ୟ ହୋଇଛନ୍ତି। ୧୯୭୩ ମସିହାରେ 'ଓଡ଼ିଶା ସଙ୍ଗୀତ ଏକାଡେମୀ ପୁରସ୍କାର,' ୧୯୭୪ ମସିହାରେ 'ଏକାମ୍ର ଥିଏଟର୍ସ' ପୁରସ୍କାର, ୧୯୭୫ ମସିହାରେ ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗ ଭୁବନେଶ୍ୱର ଦ୍ୱାରା 'ଘର ସଂସାର ' ଚଳଚ୍ଚିତ୍ରର ଶ୍ରେଷ୍ଠ ଲେଖକଭାବେ ସମ୍ମାନିତ ହୋଇଥିଲେ। ୧୯୭୮ ମସିହାରେ Music Circle Rourkela ଦ୍ୱାରା ନାଟ୍ୟକାରଙ୍କୁ ସମ୍ମାନିତ କରାଯାଇଥିଲା। ୧୯୮୦ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ଦ୍ୱାରା ତାଙ୍କୁ ଶ୍ରେଷ୍ଠ ନାଟ୍ୟକାରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୮୫ ମସିହାରେ ସେହି ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର 'ନାଟକ ରୀତିମତ ' ନାଟକର ସଫଳତା ପାଇଁ ନାଟ୍ୟକାରଙ୍କୁ ଏକ ତାମ୍ରଲେଖ ସହ ଦୁଇ ସହସ୍ର ମୁଦ୍ରା ଉପାୟନ ରୂପେ ପ୍ରଦାନ କରିଥିଲା। ୧୯୮୮ ମସିହାରେ କଲଚରାଲ ଏକାଡେମୀ , ରାଉରକେଲା ଦ୍ୱାଦଶ ଲୋକନାଟକ ମହୋତ୍ସବ ଉପଲକ୍ଷେ ନାଟ୍ୟକାରଙ୍କୁ ଉତ୍କଳୀୟ ସଂସ୍କୃତି ଓ ସଂସ୍କୃତି ପରିପୁଷ୍ଟ ମୌଳିକ ସୃଷ୍ଟି ସମ୍ପଦ ପାଇଁ ସମ୍ମାନିତ କରାଯାଇଛି। ନାଟ୍ୟକାର ଶ୍ରୀ ମିଶ୍ର ବହୁ ସମ୍ମାନର ଅଧିକାରୀ ହୋଇଥିଲେ ମଧ୍ୟ ମନରେ ତାଙ୍କର ଟିକିଏ ହେଲେ ଗର୍ବ ଅହଙ୍କାର ନ ଥିଲା ବରଂ ନିଜକୁ ଏକ ସାଧାରଣ ମଣିଷ ଭାବେ ସମାଜରେ ପରିଚୟ ଦେଉଥିଲେ। ସର୍ବତ୍ର ସେ ଥିଲେ ଏକ ସମ୍ମାନିତ ବ୍ୟକ୍ତିତ୍ୱ। ଭାରତୀୟ ସଂସ୍କୃତି ଓ ଆର୍ଯ୍ୟ ଚେତନାରେ ସେ ଥିଲେ ଜାଗ୍ରତ ପ୍ରହରୀ।

**ଉପସଂହାର** -

ଏପରି ଜଣେ କ୍ରାନ୍ତିକାରୀ ନାଟ୍ୟକାରଙ୍କ ହେଲା ଅକାଳ ତିରୋଧାନ। ତାଙ୍କ ଜୀବନଦୀପ ଲିଭି ଯାଇଥିଲା ୧୯୯୨ ମସିହା ଜୁନ ମାସ ୨୭ ତାରିଖରେ। ରାଜାରାଜୁଡ଼ାଙ୍କ ଗଡ଼ ନୟାଗଡ଼ର ଦଶପଲ୍ଲା ନିକଟସ୍ଥ କୁଞ୍ଜବନ ଗଡ଼ରେ ସିନା ଜନ୍ମ ହୋଇଥିଲେ ହେଲେ ପୁରପଲ୍ଲୀଠୁ ଆରମ୍ଭ କରି ସମଗ୍ର ଓଡ଼ିଶା ରାଇଜର ମନ ହୃଦୟରେ ସେ ମଉଡ଼ମଣି ପାଲଟି ଯାଇଥିଲେ। ସେ ଦୃଷ୍ଟିରୁ ଦେଖିବାକୁଗଲେ ନିର୍ଦ୍ଦ୍ୱନ୍ଦ୍ୱରେ କୁହାଯାଇପାରିବ ଯେ ସେ ଖାଲି ନୟାଗଡ଼ର ସୁନା ପୁଅ କି ହୃଦୟର ସିଂହାସନର ରାଜା ନୁହଁନ୍ତି ବରଂ ଓଡ଼ିଶା ନାଟ୍ୟସାମ୍ରାଜ୍ୟର ଅଦ୍ୱିତୀୟ

ଅପରାଜେୟ ମହାପରାକ୍ରମୀ ସମ୍ରାଟ। ଯୁଗଯୁଗ ଧରି ବଞ୍ଚି ରହିବେ ନିଜର ପାରଦର୍ଶିତା ପାଇଁ, ନିଜର ସୃଷ୍ଟି ସମ୍ପଦ ପାଇଁ, ନିଜର ସ୍ୱାଭିମାନ ପାଇଁ, ଆଉ ନିଜର ଗାନ୍ଧିବାଦୀ ଆଦର୍ଶ ଓ ଭାରତୀୟ ମୂଲ୍ୟବୋଧ ପାଇଁ।

ଶେଷରେ ଏତିକି କୁହାଯିବ ଯେ, ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟାକାଶର ସୁବର୍ଣ୍ଣ ଯୁଗର ନେତା ରାମଚନ୍ଦ୍ର ମିଶ୍ର ନାଟ୍ୟାଚାର୍ଯ୍ୟ କାଳୀଚରଣ ପଟ୍ଟନାୟକଙ୍କ ପରବର୍ତ୍ତୀ ଓ ପ୍ରତିଷ୍ଠିତ ନାଟ୍ୟକାର ଗୋପାଳ ଛୋଟରାୟ, ଭଞ୍ଜକିଶୋର ପଟ୍ଟନାୟକଙ୍କ ସମକାଳୀନ ମାନବବାଦୀ ସମାଜସଚେତନ ନାଟ୍ୟକାରଭାବେ ଯେ ଜଣେ ସୁପ୍ରତିଷ୍ଠିତ ଓ ପ୍ରଭାବଶାଳୀ ନାଟ୍ୟକାରର ପରିଚୟ ବହନ କରେ, ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ। ଓଡ଼ିଆ ସାରସ୍ୱତ ଜଗତ ହରାଇ ଦେଇଥିଲା ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର। ଆଜି ସିନା ସେ ଧରାପୃଷ୍ଠରେ ନାହାଁନ୍ତି ସତ; ହେଲେ ତାଙ୍କର ସେହି ଅମ୍ଳାନ ସୃଷ୍ଟିସମ୍ପଦ ତାଙ୍କୁ ଯୁଗଯୁଗ ଧରି ବଞ୍ଚାଇ ରଖିବ; ଏଥିରେ ସନ୍ଦେହ ନାହିଁ। ସେହି ପଥିତଦଶା ନାଟ୍ୟକାରଙ୍କୁ ଶତଶତ ପ୍ରଣାମ।

---------------------------------

**ପାଦଟୀକା :**

୧। 'ନରୋତ୍ତମ ଦାସ କହେ'- ନାଟ୍ୟକାର ରାମଚନ୍ଦ୍ର ରଚନାବଳୀ (ଚତୁର୍ଥ ଭାଗ)-ଆର୍ଯ୍ୟ ପ୍ରକାଶନ, ପ୍ରଥମ ସଂସ୍କରଣ -୨୦୦୩- ପୃଷ୍ଠା- ୧୫

୨। ତତ୍ରୈଇବ - ପୃଷ୍ଠା -୨୮

୩। 'ଘର ସଂସାର'- ନାଟ୍ୟକାର ରାମଚନ୍ଦ୍ର ରଚନାବଳୀ (ତୃତୀୟ ଭାଗ)- ଆର୍ଯ୍ୟ ପ୍ରକାଶନ, ପ୍ରଥମ ପ୍ରକାଶ-୨୦୦୦-ପୃଷ୍ଠା -୧୨୫

୪। ' ମୂଲିଆ '- ନାଟ୍ୟକାର ରାମଚନ୍ଦ୍ର ରଚନାବଳୀ (ଦ୍ୱିତୀୟ ଭାଗ) ଆର୍ଯ୍ୟ ପ୍ରକାଶନ, ପ୍ରଥମ ପ୍ରକାଶ- ୨୦୦୦-ପୃଷ୍ଠା -୧୬୧-୧୬୨

୫। 'ଚାବୁକ'- ନାଟ୍ୟକାର ରାମଚନ୍ଦ୍ର ରଚନାବଳୀ- (ଚତୁର୍ଥ ଭାଗ)-ଆର୍ଯ୍ୟ ପ୍ରକାଶନ, ପ୍ରଥମ ସଂସ୍କରଣ -୨୦୦୩-ପୃଷ୍ଠା- ୨୩୧

୬।' ମମତା '- ନାଟ୍ୟକାର ରାମଚନ୍ଦ୍ର ରଚନାବଳୀ- (ପ୍ରଥମ ଭାଗ)-ଆର୍ଯ୍ୟ ପ୍ରକାଶନ, ପ୍ରଥମ ପ୍ରକାଶ -୧୯୯୯-ପୃଷ୍ଠା- ୩୦

୭। ତତ୍ରୈଇବ- ପୃଷ୍ଠା -୨୦୩

୮। 'ମୂଲିଆ '- ନାଟ୍ୟକାର ରାମଚନ୍ଦ୍ର ରଚନାବଳୀ (ଦ୍ୱିତୀୟ ଭାଗ) ଆର୍ଯ୍ୟ ପ୍ରକାଶନ, ପ୍ରଥମ ପ୍ରକାଶ- ୨୦୦୦-ପୃଷ୍ଠା- ୧୩୮

୯। ତତ୍ରେଇବ- ପୃଷ୍ଠା -୧୪୨

୧୦। ତତ୍ରେଇବ- ପୃଷ୍ଠା -୧୩୭

୧୧। 'ଘର ସଂସାର'- ନାଟ୍ୟକାର ରାମଚନ୍ଦ୍ର ରଚନାବଳୀ (ତୃତୀୟ ଭାଗ)- ଆର୍ଯ୍ୟ ପ୍ରକାଶନ, ପ୍ରଥମ ପ୍ରକାଶ-୨୦୦୦-ପୃଷ୍ଠା -୩୪-୩୫

୧୨। ଜେନା, ଡକ୍ଟର ଭାଗିରଥି - ରାମଚନ୍ଦ୍ର ନାଟ୍ୟକୃତି: ଏକ ଅନୁଶୀଳନ - ପୃଷ୍ଠା -୩୭୯